ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

## ଭାରତୀୟ ମାନକ ବ୍ୟୁରୋର ନବମ ରାଜ୍ୟସ୍ତରୀୟ କମିଟି ବୈଠକ

# ଉଭୟ ଗ୍ରାହକ ଓ ନିର୍ମାତାମାନଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି

## : ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ଭୁବନେଶ୍ୱର, ୧୧ ଫେବୃଆରୀ, ୨୦୨୦

ଗ୍ରାହକମାନଙ୍କର ସ୍ୱାର୍ଥରକ୍ଷା କରିବା ସହିତ ଉପଭୋକ୍ତାମାନେ ଯେପରି ଉନ୍ନତ ମାନର ଦ୍ରବ୍ୟ ଓ ସେବା ପାଇବେ ସେ ଦିଗରେ ସମୁଚିତ ପଦକ୍ଷେପ ଗ୍ରହଣ କରାଯାଉଛି । ଭାରତୀୟ ମାନକ ବ୍ୟୁରୋ ଦ୍ୱାରା ଧାର୍ଯ୍ୟ ମାନ ଅନୁଯାୟୀ ଉନ୍ନତ ମାନର ଦ୍ରବ୍ୟ ପ୍ରସ୍ତୁତ ଓ ବ୍ୟବହାର ନିମନ୍ତେ ଉଭୟ ଗ୍ରାହକ ଓ ନିର୍ମାତାମାନଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି । ଓଡ଼ିଶାରେ ଭାରତୀୟ ମାନକ ବ୍ୟୁରୋର କାର୍ଯ୍ୟକୁ ଉପଭୋକ୍ତାମାନଙ୍କ ସୁରକ୍ଷା ଦୃଷ୍ଟିରୁ କିପରି ଲୋକାଭିମୁଖୀ ହୋଇପାରିବ ସେଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ଆଜି ପୂର୍ବାହ୍ନରେ ଭାରତୀୟ ମାନକ ବ୍ୟୁରୋ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ) ଆନୁକୂଲ୍ୟରେ ମାନକୀକରଣ ଏବଂ ଗୁଣବତ୍ତା ପ୍ରଣାଳୀ ସମ୍ବନ୍ଧୀୟ ନବମ ରାଜ୍ୟସ୍ତରୀୟ କମିଟି ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଦ୍ରବ୍ୟର ଓ ସେବାର ଗୁଣବତ୍ତା ଉପରେ ଗ୍ରାହକମାନଙ୍କୁ ସୁନିଶ୍ଚିତ କରାଇବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଦ୍ରବ୍ୟର ଗୁଣବତ୍ତା ବଜାୟ ରଖିବା ନିମନ୍ତେ ଏହାକୁ ବାଧ୍ୟତାମୂଳକ କରାଯିବା ଆବଶ୍ୟକ । ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଅସାଧୁ ବ୍ୟବସାୟୀଙ୍କ ଉପରେ କିପରି ଅଙ୍କୁଶ ଲଗାଯାଇପାରିବ ସେ ସଂପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତ ରଖିଥିଲେ ।  ଦ୍ରବ୍ୟର ମାନ ସଂପର୍କରେ କଡ଼ାକଡ଼ି ଯାଞ୍ଚ ବ୍ୟବସ୍ଥା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱ ଆରୋପ କରିଥିଲେ । ଏଥି ନିମନ୍ତେ ଭାରତୀୟ ମାନକ ବ୍ୟୁରୋ ପକ୍ଷରୁ ଏକ ଯାଞ୍ଚ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ ।

କମିଟିର ଉପାଧକ୍ଷ ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶକ୍ତି, ଗୃହ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରି କହିଲେ ଯେ ରାଜ୍ୟର ଉପଭୋକ୍ତାମାନଙ୍କୁ ସଠିକ୍ ମାନର ଦ୍ରବ୍ୟ ଓ ସେବା ଯୋଗାଇଦେଲେ ଜୀବନଧାରଣର ମାନରେ ବୃଦ୍ଧି ହୋଇପାରିବ । ଏଥି ସହିତ ଭାରତୀୟ ମାନକ ବ୍ୟୁରୋ ଜନସାଧାରଣଙ୍କର ଜାଗ୍ରତ ପ୍ରହରୀ ହୋଇ କିପରି କାର୍ଯ୍ୟ କରିପାରିବ ସେ ସଂପର୍କରେ ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ଆଲୋଚନା କରିଥିଲେ ।

ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବୀରବିକ୍ରମ ଯାଦବ ଭାରତୀୟ ମାନକ ବ୍ୟୁରୋ ସମ୍ବନ୍ଧୀୟ ଆଇନକୁ କିପରି କାର୍ଯ୍ୟରେ ଲଗାଇ ଉପଭୋକ୍ତାମାନଙ୍କୁ ସୁରକ୍ଷା ଦେଇହେବ ସେ ସଂପର୍କରେ ଆଲୋଚନା କରିବା ସହିତ ଅଧିକ ସଂଖ୍ୟକ ମାନକ ପରୀକ୍ଷାଗାର ପ୍ରତିଷ୍ଠା ଓ ଅଧିକ ମାନବସମ୍ବଳର ଆବଶ୍ୟକତା ସଂପର୍କରେ ଗୁରୁତ୍ୱାରୋପ କରିଥିଲେ । ବୈଠକ ପ୍ରାରମ୍ଭରେ ଭାରତୀୟ ମାନକ ବ୍ୟୁରୋର ପୂର୍ବତଟ ଉପମହାନିର୍ଦ୍ଦେଶକ ଶ୍ରୀ କେ.ସି.ଏସ୍. ବିଷ୍ଟ ଭାରତୀୟ ମାନକ ବ୍ୟୁରୋ ପକ୍ଷରୁ କରାଯାଉଥିବା କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିବାବେଳେ ସୁନାରୂପା ଗହଣାକୁ ହଲ୍‌ମାର୍କର ପରିସରଭୁକ୍ତ କରାଯାଇଛି ଓ ଏହା ଆଗାମୀ ୨୦୨୧ ଜାନୁଆରୀ ୧୫ରୁ ବାଧ୍ୟତାମୂଳକ ଭାବେ ଲାଗୁ ହେବ ବୋଲି କହିଥିଲେ । ଭୁବନେଶ୍ୱର କାର୍ଯ୍ୟାଳୟର ମୁଖ୍ୟ ଶ୍ରୀ ଏ. ଚକ୍ରବର୍ତ୍ତୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବୈଠକରେ ରାଜ୍ୟ ସ୍ତରୀୟ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ଶ୍ର ସୁବାସ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ତାପସ କୁମାର ସାହା
ସୂଚନା ଅଧିକାରୀ